## ବିବାହିତ ପ୍ରେମୀଯୁଗଳଙ୍କୁ ବିବାହ କରାଇଲେ ଗ୍ରାମବାସୀ

ବାହାନଗା,(ଅରୂପ କୁମାର ଦାସ)-ପରକୀୟା ପ୍ରୀତିରେ ମସଗୁଲ ବିବାହିତ ପ୍ରେମୀଯୁଗଳଙ୍କୁ ଗ୍ରାମବାସୀ ଧରି ବିବାହ କରାଇଦେବା ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ସୋମବାର ସୋର ଥାନା ବାରାପୁର ଅଞ୍ଚଳର ନିତ୍ୟାନନ୍ଦ ମହାଳିକ ଜଣେ ମହିଳାଙ୍କ ଘରେ ପଶି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବାବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରିଥିଲେ। ଖବରପାଇ ଉଭୟଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀ ଓ ଉଭୟ ପରିବାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରେମୀଯୁଗଳଙ୍କ ବିବାହ କରାଇ ଦିଆଯାଇଥିଲା।

## ସଂକ୍ଷେପରେ

### ପୂଜା ପାଇଲେ ଗଜାନନ



ଧାମନଗର,୨୦।୯(ଦେବେନ୍ଦ୍ର ଆନ୍ଦିଆ): ଭଦ୍ରକ ଜିଲା ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ପାଳିତ ହୋଇଯାଇଛି। ବ୍ଲକ୍‌ର ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଅନୁଷ୍ଠିତ ଗଣେଶ ପୂଜାରେ ପ୍ରଫୁଲ୍ଲ ଆନ୍ଦିଆ ସଂକଳ୍ପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ସାହୁ, ଯଶୋବନ୍ତ ସାହୁ, ପ୍ରମୋଦ ବେହେରା, ପ୍ରକାଶ ସାହୁ, ସୁରେନ୍ଦ୍ର ସାହୁ, ଉମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଖଡ଼ିପଦା ଛକ, କୋରକଦା, ଦୋବଲ, ଷେଣ୍ଡପୁର, ଧାମନଗର, ବନ୍ଧଟିଆ ପ୍ରମୁଖ ଅଞ୍ଚଳରେ ପୂଜାର୍ଚ୍ଚନା ହେଉଛି। ସେହିପରି ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ଅଗ୍ରପୂଜ୍ୟଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

### ପାଣି ଟବ୍‌ରେ ଜଗନ୍ନାଥ

ବାହାନଗା,୨୦।୯(ଅରୂପକୁମାରଦାସ)- ମହାପ୍ରଭୁ ଜଗନ୍ନାଥ କେତେବେଳେ କେଉଁ ରୂପ ଧରି କାହାକୁ ଦେଖାଦିଅନ୍ତି ତାହା ତାଙ୍କୁ ହିଁ ଜଣା। ଏଭଳି ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି ବାହାନଗା ବ୍ଲକ ଦାଣ୍ଡ ହରିପୁର ପଞ୍ଚାୟତ ଆରୁହା ଗ୍ରାମରେ। ୩ ନମ୍ବର ୱାର୍ଡରେ ରହୁଥିବା



ଈଶ୍ୱର ଧଳଙ୍କ ସ୍ତ୍ରୀ କବିତା ସବୁଦିନ ପରି ମଙ୍ଗଳବାର ରାତିରେଏକ କଳା ରଙ୍ଗର ପ୍ଲାଷ୍ଟିକ ଟବ୍‌ରେ ବାସନ ଧୋଇ ପାଣି ରଖିଥିଲେ। ବୁଧବାର ସକାଳ ୯ଟାରେ ସେହି ପାତ୍ରରୁ ପାଣି ବାହାର କରିବା ବେଳେ ସେଥିରେ ଜଗନ୍ନାଥଙ୍କ ଦୁଇ ଆଖି ଥିବା ପ୍ରତିଛବିଟିଏ ଦେଖିବାକୁ ପାଇଥିଲେ। ସେହି ପାଣିରେ କବିତା ହାତ ବୁଡାଇବା ବେଳେ ତାଙ୍କ ଦେହ ହାତ ଥରିବା ପରି ଲାଗିଥିଲା। ତାହାକୁ ବିଶ୍ୱାସ ନ କରି ନିଜ ଭଉଣୀ ଓ ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇଥିଲେ। ଏହାକୁ ଦେଖି ପରିବାର ଲୋକେ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହି ପାତ୍ରରେ ଜଗନ୍ନାଥଙ୍କ ପ୍ରତିଛବିରେ ଫୁଲ, ଧୂପ, ଚନ୍ଦନ ଦେଇ ପୂଜାର୍ଚ୍ଚନା କରାଯାଇଥିଲା।

### କେନ୍ଦୁଝରରେ ନୂତନ ହସ୍ପିଟାଲ ଖୋଲିଲା




କେନ୍ଦୁଝର,୨୦।୯(ଦୀପକମିଶ୍ର): କେନ୍ଦୁଝର ସହରର ଡିଏନ୍ ହାଇସ୍କୁଲ ସମ୍ମୁଖରେ ରତ୍ନମଣୀ ଦ୍ୱିବେଦୀ ବିଲ୍ଡିଂରେ ହେଲଥ୍ ସ୍କୋପ୍ ନାମରେ ଏକ ନୂତନ ଘରୋଇ ଚିକିତ୍ସାଳୟ ଗଣେଶ ପୂଜା ଅବସରରେ ଲୋକାର୍ପିତ ହୋଇଛି। କେନ୍ଦୁଝର ସହରର ଜଣାଶୁଣା ବ୍ୟକ୍ତିତ୍ୱ ଗଦାଧର ଦ୍ୱିବେଦୀଙ୍କ ଧର୍ମପତ୍ନୀ ରତ୍ନମଣୀ ଦ୍ୱିବେଦୀଙ୍କ ନାମରେ ଏହି ନୂତନ କୋଠାରେ ହେଲଥ୍ ସ୍କୋପ୍ ହସ୍ପିଟାଲର ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ନାଗରିକ ରାମନାରାୟଣ ଦ୍ୱିବେଦୀ, ବରିଷ୍ଠ ଆଇନଜୀବୀ ଶିବନାରାୟଣ ମହାନ୍ତ, ଡା. ଗୁଞ୍ଜନ ମହାନ୍ତ, ଡା. ଆଶିଷ କୁମାର ମହାନ୍ତି, ଅଜୟ ପଟ୍ଟନାୟକ, ହେଲଥ୍ ସ୍କୋପର ମ୍ୟାନେଜିଂ ଡାଇରେକ୍ଟର ଅଂଶୁମାନ ପଟ୍ଟନାୟକ, ନିର୍ଦ୍ଦେଶକ ଆଶୁତୋଷ ଭୂୟାଁ, କଟକ ଓ ଭୁବନେଶ୍ୱରର ବହୁ ଲବ୍ଧ ପ୍ରତିଷ୍ଠିତ ଡାକ୍ତରଙ୍କ ସମେତ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

# ମନ୍ଥରଗତିରେ ଚାଲିଛି ଫ୍ଲାଏଓଭର କାର୍ଯ୍ୟ

ଯୋଡ଼ା,୨୦।୯(ମାନସ ମହାନ୍ତି)

■ଧାର୍ଯ୍ୟ ସମୟରେ ସରିବା ନେଇ ସନ୍ଦେହ
■ପାଣିକାଦୁଅରେ ଲୋକେ ହନ୍ତସନ୍ତ

କେନ୍ଦୁଝର ଜିଲା ଯୋଡ଼ା ସହରରେ ନିର୍ମାଣାଧୀନ ଫ୍ଲାଏଓଭର ବ୍ରିଜ୍, ସର୍ଭିସ୍ ରୋଡ୍ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ଏହା ଧାର୍ଯ୍ୟ ସମୟ ମଧ୍ୟରେ ସରିବା ନେଇ ସନ୍ଦେହ ଦେଖାଯାଇଛି। ଅନ୍ୟପକ୍ଷେ ସର୍ଭିସ୍ ରୋଡ୍, ଡ୍ରେନ୍ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପ୍ରାୟ ୫୫ ହଜାର ଜନସଂଖ୍ୟା ବିଶିଷ୍ଟ ଯୋଡ଼ା ସହର ଓ ଏହାର ପାରିପାର୍ଶ୍ୱିକ ଗ୍ରାମାଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯେ, ଓବିସିସି (ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କୋଅପରେଶନ ଲିମିଟେଡ୍)ଦ୍ୱାରା ପ୍ରାୟ ୩ କି.ମି ଓ ୪ ଲେନ୍ ଫ୍ଲାଏଓଭର କାର୍ଯ୍ୟ ଟେଭରୋକ୍ସ ନାମକ ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ୨୦୨୦ରୁ ପ୍ରକଳ୍ପ ନିର୍ମାଣାଧୀନ ଥିବା ବେଳେ ସର୍ଭିସ୍ ରୋଡ୍‌ର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହୋଇନାହିଁ। ବିଭିନ୍ନ ଖଣି ଓ ଶିଳ୍ପ କମ୍ପାନୀଗୁଡ଼ିକର ସ୍ଲରି ପାଇପ ଲାଇନ ଖୋଦେଇ ହୋଇଛି। ଫ୍ଲାଏଓଭରର ପ୍ରାୟ ୫ଟି କଂକ୍ରିଟ ପିଲର ନିର୍ମାଣରେ ବିଳମ୍ବ, ସୁନା ନଦୀ ପୋଲ ପ୍ରଭୃତି କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଡିସେମ୍ବର ୨୦୨୩ରେ ଫ୍ଲାଏଓଭର ସମ୍ପୂର୍ଣ୍ଣ ହେବାର ସମୟସୀମା ଧାର୍ଯ୍ୟ କରାଯାଇଛି। ମାତ୍ର କଚ୍ଛପ ଗତିରେ ଚାଲିଥିବା ନିର୍ମାଣ ଯୋଗୁ ସହର ମଧ୍ୟ ଦେଇ ଯାଇଥିବା ସର୍ଭିସ୍ ରୋଡ୍ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ବର୍ଷା ହେଲେ ଲୋକେ ପାଣିକାଦୁଅରେ ହନ୍ତସନ୍ତ ହେଉଛନ୍ତି। ଭାରିଯାନ ଚଳାଚଳ ହେତୁ କାର୍ଯ୍ୟରେ ବିଳମ୍ବ ଘଟୁଛି ବୋଲି ଠିକା ସଂସ୍ଥା ପକ୍ଷରୁ କୁହାଯାଇଥିଲା।



ନିର୍ମାଣାଧୀନ ଯୋଡ଼ା ଫ୍ଲାଏଓଭର ବ୍ରିଜ୍।

ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଭାରିଯାନ ଚଳାଚଳକୁ ନିଷିଦ୍ଧ କରିଛି। ତଥାପି କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଓବିସିସିର କନିଷ୍ଠ ଯନ୍ତ୍ରୀ ଧନେଶ୍ୱର ମାଝି କହିଛନ୍ତି, ଡ୍ରେନ୍ ନିର୍ମାଣ କାର୍ଯ୍ୟ, ସୁନା ନଦୀ ପୋଲ ପ୍ରଭୃତି ପାଇଁ ଫ୍ଲାଏଓଭର ଅସମ୍ପୂର୍ଣ୍ଣ ହେଉଛି। ତେଣୁ ନିର୍ଦ୍ଧାରିତ ସମୟରୁ ପ୍ରାୟ ୩ ମାସ ବିଳମ୍ବ ଘଟିପାରେ। ତେବେ ସମୟ ସୀମା ବୃଦ୍ଧି ହେଲେ ପ୍ରକଳ୍ପର ବ୍ୟୟ ଅଟକଳ ମଧ୍ୟ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଠିକା ସଂସ୍ଥାର ମାନବ ସମ୍ବଳ ଅଧିକାରୀ ଭାଗୀରଥି ପଣ୍ଡା କହିଛନ୍ତି, ୩ ଶିଫ୍ଟରେ କାର୍ଯ୍ୟ ଜାରି ରହିଛି। ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରାଯାଉଛି।

# କଳସ ଶୋଭାଯାତ୍ରାରେ ସାମିଲ ହେଲେ ୭୦ ମହିଳା



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ବନ୍ତ,୨୦।୯(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ପାଳନର ପ୍ରଥମ ପର୍ଯ୍ୟାୟରେ ବୁଧବାର କଳସ ଶୋଭାଯାତ୍ରା ଓ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜଳସେଚନ କାର୍ଯ୍ୟାଳୟ ପରିସରରେ ଥିବା ପୁଷ୍କରିଣୀରୁ ୭୦ ମହିଳା କଳସ ଆଣିବା ପରେ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଯଜ୍ଞ କାର୍ଯ୍ୟରେ କର୍ତ୍ତା ଭାବେ ବିଦ୍ୟା ମନ୍ଦିର ସଭାପତି ସୁରେନ୍ଦ୍ର କୁମାର ବାରିକ, କନକଲତା ବାରିକ ଦାୟୀତ୍ୱ ତୁଲାଇଥିଲେ। ଭଦ୍ରକ ଗାୟତ୍ରୀ ପରିବାରର ଆଲୋକ ରଞ୍ଜନ ମୁଖାର୍ଜୀ, ସନ୍ତୋଷ କୁମାର ଜେନା ମନ୍ତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଶାନ୍ତ କୁମାର ମହାପାତ୍ର, ସଞ୍ଜୟ କୁମାର ଲେଙ୍କା, ପ୍ରଫୁଲ୍ଲ କୁମାର ପଣ୍ଡା, ହରିହର ପାତ୍ର, ଅନନ୍ତ କୁମାର ପଲେଇ, କାନନବାଳା ରାଉତରାୟ, ପବିତ୍ରା ଶତପଥୀ, ସଞ୍ଜୁକ୍ତା ପେଡ଼ା, ଚଞ୍ଚଳା ସା, ମଞ୍ଜୁବାଳା ସାହୁ, ସସ୍ମିତା ପଣ୍ଡା ସହଯୋଗ କରିଥିଲେ।

# ସଙ୍ଗୀତ ମାନସିକ ଶାନ୍ତି ଦିଏ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ସଙ୍ଗୀତଗୁରୁ ଓ ଛାତ୍ରୀଛାତ୍ର।

ରୂପସା, ୨୦।୯(ବାଞ୍ଛାନିଧି ଦେ)

### ହରିହର କଳାବିକାଶ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ହରିହର ଉପ୍ରା ବିଦ୍ୟାଳୟରେ ଗଣନାଥ ଦେବଙ୍କ ପୂଜା ଉତ୍ସବ ଅବସରରେ ମଙ୍ଗଳବାର ହରିହର କଳାବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କଳାବିକାଶ କେନ୍ଦ୍ର ସଭାପତି ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ଏହି ଅନୁଷ୍ଠାନକୁ ଉଦ୍‌ଘାଟନ କରି ଅନ୍ତର୍ନିହିତ କଳା, ପ୍ରତିଭାର ବିକାଶ ପାଇଁ ଛାତ୍ରୀଛାତ୍ର ଆଗଭର ହେବା ଉଚିତ୍। ପ୍ରକୃତରେ ସଙ୍ଗୀତ ମାନସିକ ଶାନ୍ତି ଦିଏ ବୋଲି ବକ୍ତବ୍ୟରେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ସଞ୍ଜୟ କୁମାର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଅନୁଷ୍ଠାନର ଉପଦେଷ୍ଟା ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା, ଶିକ୍ଷକ ମାୟାଧର ବେହେରା, ଶିକ୍ଷାବିତ୍ ବିଜୟ କୁମାର ରଣା ଓ ବାସନ୍ତୀ ସାହୁ, ସହ ସମ୍ପାଦିକା ପ୍ରୀତିସୁଧା ମହାନ୍ତି, ସଭ୍ୟ ପ୍ରନିମା ଦାସ, ବିଶ୍ୱେଶ୍ୱରୀ ପଣ୍ଡା, ସୁକନ୍ୟା ଦାସ ଓ ଅନିତା ନାୟକ ପ୍ରମୁଖ ଯୋଗଦେଇ କଳାର ବିକାଶ ହେଲେ ସମାଜ ଶୃଙ୍ଖଳିତ ହୁଏ ବୋଲି କହିଥିଲେ। ସଙ୍ଗୀତଗୁରୁ ମହେନ୍ଦ୍ର ନାଥ ମଲ୍ଲିକ, ଓଡିଶୀ ନୃତ୍ୟ ଶିକ୍ଷୟିତ୍ରୀ ମିନତୀ ଦଳେଇ, ଚିତ୍ରାଙ୍କନ ଓ ନୃତ୍ୟ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ପିଲାମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଶିକ୍ଷାରମ୍ଭ କରିଥିଲେ। ପ୍ରତି ରବିବାର ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଅଭିନୟ ଓ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ଶିକ୍ଷା ଦିଆଯିବ ବୋଲି ସମ୍ପାଦକ ସୂଚନା ଦେଇଥିଲେ।

# ଇନ୍ଦିରା ଶିଶୁ ଉଦ୍ୟାନର ନବୀକରଣ କାର୍ଯ୍ୟ ଆରମ୍ଭ

ବାଲିଆପାଳ,୨୦।୯(ଅମୂଲ୍ୟ କୁମାର ଦାସ)

ବାଲିଆପାଳ ଇନ୍ଦିରା ଶିଶୁ ଉଦ୍ୟାନର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ପାର୍କରେ ଅବ୍ୟବସ୍ଥାକୁ ନେଇ ଦୀର୍ଘଦିନ ହେଲା ବାଲିଆପାଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏହାର ନବୀକରଣ ଲାଗି ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ଦାବି କରିଆସୁଥିଲେ। ୧୯୯୮ରେ ତତ୍କାଳୀନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପ୍ରଚେଷ୍ଟାରେ ନିର୍ମାଣ ହୋଇଥିବା ଶିଶୁଉଦ୍ୟାନକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଶିଶୁ ଉଦ୍ୟାନ ୨୦୦୪ଠାରୁ ଅବହେଳିତ ଅବସ୍ଥାରେ ରହିଥିଲା। ଶିଶୁଉଦ୍ୟାନକୁ ବାଲିଆପାଳ ସ୍ୱାଭିମାନୀ ମଞ୍ଚର ଆବାହକ ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପୁତ୍ର ସତ୍ୟକାମ ମହାନ୍ତି ବାଲିଆପାଳ ବିଡିଓଙ୍କ ଜରିଆରେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମଙ୍ଗଳବାରଠାରୁ ଶିଶୁ ଉଦ୍ୟାନର ପୁନରୁଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଲିଆପାଳର ସମସ୍ତ ସାଧାରଣ ଜନତା, ସ୍ଥାନୀୟ ଖବରଦାତା ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ



ବାରିପଦାରେ କୁଡୁମୀ ଏକତା ମଞ୍ଚ କର୍ମକର୍ତ୍ତା ରେଳରୋକୋ କରିଛନ୍ତି।

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ମୋରଡ଼ା(ସ୍ମାରକ ମାଜୀ)/ବେତନଟୀ(ଧରଣୀଧର ମହାନ୍ତି)/ଖୁଣ୍ଟା(ଦେବରଞ୍ଜନ ବେହେରା)/ରାଇରଙ୍ଗପୁର (ମାନସ ମହାନ୍ତି),୨୦।୯

କୁଡୁମୀଙ୍କୁ ଅନୁସୂଚୀତ ଜନଜାତି ବର୍ଗରେ ପୁନଃ ଅନ୍ତର୍ଗତ କରିବା ଦାବିରେ ବୁଧବାର କୁଡୁମୀ ଏକତା ମଞ୍ଚ ଓଡ଼ିଶାର ଆହ୍ୱାନ କ୍ରମେ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଳନ କରାଯାଇଥିଲା। ବାରିପଦାର ଭଞ୍ଜପୁର ରେଳ ଷ୍ଟେଶନଠାରେ ବିକ୍ଷୋଭକାରୀମାନେ ଦୀର୍ଘ ସମୟ ଧରି ରେଳ ଚଳାଚଳ ବନ୍ଦ କରିବା ସହ ୧୮ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମଞ୍ଚର ଆବାହକ ତଥା ରାଜ୍ୟ ଆଦିବାସୀ କୁଡୁମୀ ସମାଜର ସଭାପତି ମନୋଜ ମହାନ୍ତ, ଜିଲା ସଭାପତି ନିରଞ୍ଜନ ମହାନ୍ତ ଓ ରାଜ୍ୟ ସଂଯୋଜକ ସଞ୍ଜୀବ ମହାନ୍ତ, କୁଡୁମାଲୀ କଲଚୁରାଲ ଆସୋସିଏସନର ସଭାପତି ଡ. ଭକ୍ତହରି ମହାନ୍ତ ଓ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, କୁଡୁମୀ-ମହାନ୍ତ ମହାସଭାର ସଭାପତି ଗୋପବନ୍ଧୁ ମହାନ୍ତ, ସମ୍ପାଦକ ବସନ୍ତ ମହାନ୍ତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଆନ୍ଦୋଳନକୁ ପରିଚାଳନା କରିଥିଲେ।

ମୋରଡ଼ା ବ୍ଲକର ଶୀର୍ଷାପାଳ ଛକ, ଚିତ୍ରଡା ବଜାର ପ୍ରଭୃତି ସ୍ଥାନରେ କୁଡୁମୀ ସେନା କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ।

ବେତନଟୀ ବଜାରରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ତେବେ କୁଡୁମୀ ସମ୍ପ୍ରଦାୟର ଶତାଧିକ ମହିଳା ଓ ପୁରୁଷ ଦାନ୍ତିଆମୁହାଁ ଛକରେ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିଥିଲେ। ଏସ୍‌ଡିପିଓ ସୁଦର୍ଶନ ଦାଶ, ଆଇଆଇସି ସସ୍ମିତା ମହାନ୍ତ ପ୍ରମୁଖ ପହଞ୍ଚି ଯାତାୟାତ ସ୍ୱାଭାବିକ କରାଇଥିଲେ।

ଖୁଣ୍ଟା ବ୍ଲକ ଅଧୀନ ଡୁକୁରା ଛକଠାରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଥିଲା। ଖୁଣ୍ଟା- ବାରିପଦା ରାଜ୍ୟ ରାଜପଥ ଦେଇ ଗାଡ଼ି ଚଳାଚଳ ବନ୍ଦ ଥିବା ବେଳେ ଡୁକୁରା ଛକଠାରେ ବନ୍ଦ ପାଳନକାରୀମାନେ ପିକେଟିଂ କରିଥିଲେ। ତ୍ରିଲୋଚନ ମହାନ୍ତ, ବାହାଦୁର ମହାନ୍ତ, ଅର୍ଜୁନ କୁମାର ମହାନ୍ତ, ଝଲମଣୀ ମହାନ୍ତ, ଅନିତା ମହାନ୍ତ ପ୍ରମୁଖ ଏଥିରେ ସାମିଲ ଥିଲେ।

ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳରେବନ୍ଦପ୍ରଭାବଦେଖିବାକୁମିଳିଥିଲା। ବହଳଦା ବ୍ଲକ ଅଁଳାଯୋଡ଼ି ଷ୍ଟେଶନଠାରେ ରେଳରୋକୋ କରାଯାଇଥିଲା। ବୀରେନ୍ଦ୍ର ନାଥ ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ସନ୍ତୋଷ ମହାନ୍ତ ଓ ସଞ୍ଜୟ ମହାନ୍ତ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ।

# ଶ୍ରୀଚରଣଙ୍କ ଗୀତରେ ଝୁମିଲେ ଦର୍ଶକ

ଢେଙ୍କିକୋଟ,୨୦।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବିଦ୍ୟୁତ୍ ବିଭାଗ ସବ୍‌ଷ୍ଟେଶନରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତିଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଭଜନ ସନ୍ଧ୍ୟାରେ ଶ୍ରୀଚରଣଙ୍କ ସହ ତାଙ୍କ ସହକର୍ମୀମାନେ ଭଜନ ଗାନକରି ଉପସ୍ଥିତ ବିଦ୍ୟୁତ ବିଭାଗୀୟ ଅଫିସର ଓ କର୍ମଚାରୀଙ୍କୁ ଝୁମାଇଥିଲେ। ଶ୍ରୀଚରଣଙ୍କୁ ମଞ୍ଚରେ ଘଟଗାଁ ବିଦ୍ୟୁତ୍ ବିଭାଗ ଏସଡିଓ ରଣଜିତ ବେହେରା ସ୍ୱାଗତ କରିଥିଲେ। ଏସ୍‌ଡିପିଓ ସୁଦର୍ଶନ ଗଙ୍ଗାଇ, ଢେଙ୍କିକୋଟ ବିଦ୍ୟୁତ୍ ବିଭାଗ ଜେଇ ଦେବାଶିଷ ସ୍ୱାଇଁ ଏବଂ କେନ୍ଦୁଝର ଜିଲା ବିଦ୍ୟୁତ୍ କର୍ମଚାରୀ ୟୁନିୟନର ସମ୍ପାଦକ ରାଜେଶ ଦାସଙ୍କୁ ମଧ୍ୟ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କିକୋଟ ବିଦ୍ୟୁତ୍ ସବ୍‌ଷ୍ଟେଶନ ତରଫରୁ ଘଟଗାଁ ବିଦ୍ୟୁତ୍ ବିଭାଗୀୟ ଏସ୍‌ଡ଼ିଓଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଲାଇନ୍ ମ୍ୟାନ ସୁବ୍ରତ ସର୍ମାଙ୍କ ନେତୃତ୍ୱରେ ଦେବାଶିଷ ଦତ୍ତ, ନାରାୟଣ ବାରିକ, ସୁପରଭାଇଜର ସତ୍ୟଜିତ ବେହେରା, କମଳ ଲୋଚନ ନାୟକ ପରିଚାଳନା କରିଥିଲେ।



ଘଟଗାଁ ଏସ୍‌ଡିଓ ରଣଜିତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି, ପାଖରେ କଣ୍ଠଶିଳ୍ପୀ ଶ୍ରୀଚରଣ ଉପସ୍ଥିତ ଅଛନ୍ତି।

# ଗଣେଶ ପୂଜା ଅବସରରେ ରକ୍ତଦାନ ଶିବିର

ତିହିଡ଼ି,୨୦।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ କମାରିଆ ବଜାରରେ ବୁଧବାର ଆଇଏଣ୍ଡୟୁ ସାମାଜିକ ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜା ଚାଲିଥିବା ଅବସରରେ ଏହି ଶିବିରର ଆୟୋଜନ କରାଯାଇ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିକ୍ଷାବିତ୍ ଅନାଦି ଚରଣ ବେହେରା ଓ କୋହ୍ଲ ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ନିତ୍ୟାନନ୍ଦ ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ସଭାପତି ଜିତେନ୍ଦ୍ର ପରିଡ଼ା, ସମ୍ପାଦକ ପ୍ରଶାନ୍ତ ନାୟକ, ଆଲୋକ ନାୟକ, ନବଜ୍ୟୋତି ନାୟକ, ମାନସ ପରିଡ଼ା, ଆଦିତ୍ୟ ପରିଡ଼ା, ସୁନୀଲ ରାଉତ, ପିନାକୀ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଭଦ୍ରକ ବ୍ଲଡ୍‌ବ୍ୟାଙ୍କର ଡା. ଗୁରୁଚରଣ ସାହୁ, ରବୀନ୍ଦ୍ର କୁମାର ଜେନା, ବଳରାମ ପୁହାଣ, ଏସ୍‌କେ ବୁଦ୍ଧିଆ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।



ଜଣେ ମହିଳା ରକ୍ତଦାନ କରୁଛନ୍ତି।

# ହୋ ଭାଷାକୁ ମାନ୍ୟତା ଦାବିରେ ଶୋଭାଯାତ୍ରା

ରାଇରଙ୍ଗପୁର.୨୦।୯(ମନୋରଞ୍ଜନ ତିରିଆ/ମାନସ ମହାନ୍ତି)

ଆଦିବାସୀ ହୋ ଭାଷାର ନିଜସ୍ୱ ଲିପି 'ୱାରାଂଚିତି' ପ୍ରଣେତା ଗୁରୁ ଲାକୋ ବଦ୍ରାଙ୍କର ୧୦୪ ତମ ଜୟନ୍ତୀ ଅବସରରେ ରାଇରଙ୍ଗପୁରଠାରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦାବିରେ ବାମନଘାଟୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ସହକାରୀ ଉପ ଜିଲାପାଳ ଶକୁନ୍ତଳା ହାଁସଦାଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ରାଇରଙ୍ଗପୁରସ୍ଥିତ ସିଦାହରା ସୁସାର ଆକାଲା ପରିସରରେ ପ୍ରଥମେ ସ୍ୱର୍ଗତଃ ଲାକୋ ବଦ୍ରାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଏହି ଶୋଭାଯାତ୍ରା ଆକାଲା ସମ୍ମୁଖରୁ ବାହାରି ଦୁର୍ଗାମଣ୍ଡପ, ମୁର୍ମୁଛକ ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟ ଜଲେନ୍ ବାର୍ଦା, ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଜିଲା ସଭାପତି ବିର୍ସା କଣ୍ଡାଂକେଲ, ସିଦାହରା ସୁସାର ଆକାଲାର ବାମନଘାଟୀ ଶାଖା ସଭାପତି ପଦ୍ମଚରଣ ବାନରା, ଉପଦେଷ୍ଟା ଜୟପାଲ ସିଂ ମୁନ୍ଦୁୟା, ଯୁବ ନେତା ବାବୁଲୁ ପୂର୍ତ୍ତି, ସାନଗୀ ଜଙ୍କ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରାରେ ବାମନଘାଟୀ ଉପଖଣ୍ଡର ୭ଟି ବ୍ଲକ୍ ସମେତ ରାଇରଙ୍ଗପୁରର ସହରର ହୋ ଭାଷାଭାଷୀମାନେ ସାମିଲ୍ ହୋଇଥିଲେ। ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ତିରିଂ ବ୍ଲକ ଚେୟାରମ୍ୟାନ ପରମେଶ୍ୱର ସାମାଡ଼, ସାହେବ ସିଂ ସିଦୁ, ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ମହାସଚିବ ଲକ୍ଷ୍ମୀଧର ସିଂ ଓ ଉପସଭାପତି ଗିରୀଶଚନ୍ଦ୍ର ହେମ୍ବ୍ରମ, ବିଜେଡ଼ି ମୟୂରଭଞ୍ଜ ଜିଲା-୨ ମହିଳା ଶାଖା ଉପସଭାପତି ଜେମାମଣି ସୁଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।




ରାଇରଙ୍ଗପୁରଠାରେ ଅନୁଷ୍ଠିତ ଶୋଭାଯାତ୍ରା।

## ଅଖା ଭିତରେ ମହିଳାଙ୍କ ଗଳିତ ମୃତଦେହ

କରଞ୍ଜିଆ,(କବିତା ମହାନ୍ତ)- ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ ପାଟବିଲ ପଞ୍ଚାୟତ ବିଶିପୁର ଗ୍ରାମର ଜଣେ ମହିଳାଙ୍କ ଗଳିତ ମୃତଦେହ କେନ୍ଦୁମୁଣ୍ଡି ଜଙ୍ଗଲର ଭାଲୁ ହୁଡ଼ିଠାରୁ ଏକ ଅଖାରେ ପଶି ପଡ଼ିଥିବା ଅବସ୍ଥାରେ ଜବତ ହୋଇଛି। ମୃତ ମହିଳା ହେଲେ ନିରୁପମା ମହାନ୍ତ। ତାଙ୍କୁ କେହି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ବାପଘର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୨୮୩/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ ସହାୟତା କଲେ ଢେଙ୍କାନାଳ ଜିଲାପାଳ

ନୀଳଗିରି,୨୦।୯(ପ୍ରଶାନ୍ତ ବିଶ୍ୱାଳ)- ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଛତ୍ରପୁର ପଞ୍ଚାୟତ ପରାଶିପାଳ ଗ୍ରାମର ମୁକୁନ୍ଦ ଢଣିକ (୫୫) ନାମକ ଚାଷୀ ମଙ୍ଗଳବାର ସନ୍ଧ୍ୟାରେ ନିକଟସ୍ଥ ବିଲକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ରାତି ୮ଟା ବେଳେ ବିଲ ମଧ୍ୟରେ ମୃତ ଅବସ୍ଥାରେ ପାଇ ଘରକୁ ଆଣିଥିଲେ। ମୃତଦେହକୁ ନୀଳଗିରି ହସ୍ପିଟାଲ ନେଇଥିଲେ। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରାଶିପାଳ ଗ୍ରାମକୁ ଅଣାଯାଇଥିଲା। ଖବର ପାଇ ନୀଳଗିରି ଅଞ୍ଚଳର ବାସିନ୍ଦା ତଥା ଢେଙ୍କାନାଳ ଜିଲାପାଳ ସରୋଜ ସେଠୀ, ଗ୍ରାମର ମାନସ ମାଝି, ପଞ୍ଚାନନ ମଲ୍ଲିକ, ଜଚିନ୍ଦ୍ର ପାତ୍ର, ଶମ୍ଭୁନାଥ ମଲ୍ଲିକ, ଜଗନ୍ନାଥ ପାତ୍ର, ବିରେନ୍ଦ୍ର ପାତ୍ର, ଅନ୍ତର୍ଯ୍ୟାମୀ ବୁଗୁଡ଼େଇ ପ୍ରମୁଖଙ୍କ ମୃତ ମୁକୁନ୍ଦଙ୍କ ପରିବାର ନିକଟରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା କରିଥିଲେ। ମୃତଦେହକୁ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି।

### ଆଖୁଆପଦା ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭଣ୍ଡାରିପୋଖରୀ,୨୦।୯(ରବିନାରାୟଣ ଖିଲାର)- ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଜଳସମ୍ପଦ ବିଭାଗ ଆଖୁଆପଦା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ତଥା ଡିଭିଜନର ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରି ଡିଭିଜନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଡିଭିଜନ ଏଷ୍ଟିମେଟର କେଶବ ଚନ୍ଦ୍ର ବେହେରା. ସବଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ ଓ କାର୍ଯ୍ୟାଳୟର କର୍ମଚାରୀ ଚିନ୍ମୟ ମହାପାତ୍ର ପ୍ରମୁଖ ଏହି ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ସମୟରେ ଉପସ୍ଥିତ ଥିଲେ।

### ସାମାଜିକକର୍ମୀଙ୍କ ପରଲୋକ

କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ): ପଶୁ ପାଳନ ବିଭାଗର



ଅବସରପ୍ରାପ୍ତ ମୁଖ୍ୟ କିରାଣୀ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଗଠନର ସକ୍ରିୟ ସଦସ୍ୟ ମୁରଲୀଧର ମିଶ୍ର(୮୫)ଙ୍କ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ସୁବିଧା ଓ ସୁରକ୍ଷା ପାଇଁ କାମ କରି ଆସୁଥିଲେ। ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ମେଡ଼ିକାଲ ଓ ପରେ ଘରକୁ ଯାଇ ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ୪୦ ଏକର ଜମିକୁ ଜଳ ଯୋଗାଣ ବ୍ୟାହତ

ପାଟଣା,୨୦।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ିକାପୁଡ଼ି ମୌଜାର ଲିଫ୍ଟ ଇରିଗେଶନର ୬୩ କିଲୋ ୱାଟ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଛି। ଫଳରେ ସେପ୍ଟେମ୍ବର ୧୬ ରୁ ୮ ଚାଷୀଙ୍କ ୪୦ ଏକର ଧାନ ବିଲକୁ ଜଳ ଯୋଗାଣ ବ୍ୟାହତ ହୋଇଛି। ବିଦ୍ୟୁତ୍ ଓ ଇରିଗେଶନ ବିଭାଗ ପରସ୍ପରକୁ ଦୋଷ ଦେଉଥିବାରୁ ମରାମତି ହୋଇପାରୁନାହିଁ।

ସୂଚନା ଅନୁଯାୟୀ, ଉକ୍ତ ମୌଜାର ୮ ଜଣ ଚାଷୀଙ୍କ କ୍ଷେତକୁ ଜଳ ଯୋଗାଣ ପାଇଁ ଲିଫ୍ଟ ଇରିଗେଶନ ବିଭାଗ ତରଫରୁ ୮ ବୋର୍‌ୱେଲ ଖନନ କରି ଜଳ ଯୋଗାଣ ହେଉଥିଲା। ସେପ୍ଟେମ୍ବର ୧୬ ରୁ ଟ୍ରାନ୍ସଫର୍ମର ଏଲ୍‌ଟି ବକ୍ସ ଖରାପ ହୋଇଥିବାରୁ ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଛି। ଫଳରେ ଚାଷୀ



ଅଚଳ ଟ୍ରାନ୍ସଫର୍ମର।

ବିଭୂତି ମହାନ୍ତ, ନୀଳମଣି ମହାନ୍ତ, ଭୀମସେନ ମହାନ୍ତ, ଟଙ୍କଧର ମହାନ୍ତ, ଦାସରଥି ମହାନ୍ତ, ଉଗ୍ରସେନ ମହାନ୍ତ, ତ୍ରିଲୋଚନ ମହାନ୍ତ ଓ ନରହରି ମହାନ୍ତ ପ୍ରମୁଖଙ୍କ ଧାନ ବିଲକୁ ପାଣି ମାଡ଼ି ପାରୁନାହିଁ। ଫଳରେ ଗର୍ଭ ହୋଇଥିବା

### ଲିଫ୍ଟ ଇରିଗେଶନ ଟ୍ରାନ୍ସଫର୍ମର ଅଚଳ

ଧାନ ଉଜୁଡ଼ିଯିବା ଆଶଙ୍କା ଦେଖାଯାଇଛି। ଏ ନେଇ ଗତ ୧୭ ତାରିଖ ବିଭୂତି ତୁରୁମୁଙ୍ଗା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଓ ଯନ୍ତ୍ରୀଙ୍କୁ ଗୁହାରି କରିଥିଲେ ହେଁ ଏ ପର୍ଯ୍ୟନ୍ତ ମରାମତି ହୋଇନାହିଁ। ଏ ନେଇ ଲିଫ୍ଟ ଇରିଗେଶନ ଯନ୍ତ୍ରୀ ବାଦଲ ଚୌଧୁରୀ କହିଛନ୍ତି, ବିଦ୍ୟୁତ୍ ବିଭାଗକୁ ପ୍ରୋଜେକ୍ଟ ହସ୍ତାନ୍ତର କରି ଦେଇଥିବାରୁ ବିଦ୍ୟୁତ୍ ବିଭାଗ ଏହାର ରକ୍ଷଣାବେକ୍ଷଣ କରିବା କଥା। ତୁରୁମୁଙ୍ଗା ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ଉମେଶ ଭୂୟାଁ କହିଛନ୍ତି, ଲିଫ୍ଟ ଇରିଗେଶନ ବିଭାଗ ଏହାର ମରାମତି କରିବା କଥା। ଏ ନେଇ ଜିଲାପାଳ ଦୃଷ୍ଟିଦେବାକୁ ପ୍ରଭାବିତ ଚାଷୀ ଦାବି କରିଛନ୍ତି।

# ଟାଟା ଷ୍ଟିଲ୍‌ର ୨ ପ୍ରକଳ୍ପକୁ ଶ୍ରେଷ୍ଠ ଲିଡ୍‌ରସିପ ପୁରସ୍କାର




ଟାଟା ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଯୋଡ଼ା,୨୦।୯(ମାନସ ମହାନ୍ତି)

ୟୁବିଏସ ଫୋରମ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର୍) ସମ୍ମିଳନୀ ଓ ପୁରସ୍କାର-୨୦୨୩ରେ ଟାଟା ଷ୍ଟିଲ୍ କଳମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପ ଶ୍ରେଷ୍ଠ ସିଏସଆର୍ ଲିଡର୍‌ସିପ ପୁରସ୍କାର ହାସଲ କରିଛି। କମ୍ପାନୀ ତରଫରୁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ୟୁନିଟ୍ ମୁଖ୍ୟ ସଞ୍ଜୟ ସରଦାର ଓ କଳମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପର ସହକାରୀ ପ୍ରବନ୍ଧକ-ଏଚଆର୍ ତେଜିନ୍ଦର ସିଂହ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତି ବର୍ଷ ଆୟୋଜନ କରାଯାଉଥିବା ଏହି କାର୍ଯ୍ୟକ୍ରମ ସିଏସଆର୍ ଅଭିଯାନ ପାଇଁ ଉଦାହରଣ ସୃଷ୍ଟିକାରୀ ପ୍ରତିବଦ୍ଧତା ଭାବେ ପ୍ରଦର୍ଶନ କରିଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ସ୍ୱୀକୃତି ଦେଉଥିବା ବେଳେ ସେମାନଙ୍କ ସଫଳତାର ଉତ୍ସବ ପାଳନର ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି। ଚଳିତ ବର୍ଷ କାର୍ଯ୍ୟକ୍ରମରେ ସିଏସଆର୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ନେତୃବୃନ୍ଦଙ୍କୁ ମାନ୍ୟତା ପ୍ରଦାନ କରିବା ଲାଗି ପ୍ରମୁଖ ଶିଳ୍ପ ସଂସ୍ଥା, ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ ।

# 'ଘାସଫୁଲରେ ମହକ ବିତରୁଥିଲେ ବିଷ୍ଣୁ'




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ତିହିଡ଼ି,୨୦।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବଜାରର ମଧ୍ୟସ୍ଥଳରେ ବୁଧବାର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅବସରରେ ତିହିଡ଼ି କାଳୀପଡ଼ିଆରେ ବରିଷ୍ଠ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସ୍ୱର୍ଗତ ସେଠୀ ଘାସଫୁଲ ପରି

### ପୂର୍ବତନ ବିଧାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ

ତଳସ୍ତରର ମଣିଷମାନଙ୍କ ମହକକୁ ରାଜ୍ୟସ୍ତରରେ ବିତରଣ କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସଂଗ୍ରାମ ଆଚାର୍ଯ୍ୟ, କଂଗ୍ରେସ ନେତା ନରେନ ପଲାଇ, ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ପଦ୍ମଲୋଚନ ପଣ୍ଡା, ମାଧବାନନ୍ଦ ମଲ୍ଲିକ, ଅଧ୍ୟାପକ କୀର୍ତ୍ତନ ଦାସ, ଡ. ବିଶ୍ୱରଞ୍ଜନ ଦାସ, ରଞ୍ଜିତା ସ୍ୱାଇଁ, ବସନ୍ତ ନାୟକ, ଏସ୍‌ଏମ୍ ଫାରୁକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ଚୈତାଳି ଖିଲାର ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମୃତି ପତ୍ରିକା ବିଷ୍ଣୁ ସେଠୀଙ୍କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଶଶିକାନ୍ତ ବିଶ୍ୱାଳ, ଦେବେନ୍ଦ୍ର ପୁହାଣ, ପ୍ରତାପ ଜେନା, ଅମୂଲ୍ୟ ସେନାପତି, ଅଶୋକ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀ ଅରବିନ୍ଦଙ୍କ ଧ୍ୟାନ ମନ୍ଦିର ଭିତ୍ତିପ୍ରସ୍ତର

ତେଲକୋଇ,୨୦।୯(ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇଠାରେ ମଙ୍ଗଳବାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ପ୍ରାଙ୍ଗଣରେ ଶ୍ରୀଅରବିନ୍ଦଙ୍କଧ୍ୟାନ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ପ୍ରଥମେ ବିଘ୍ନ ବିନାଶକ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାତୃ ପତାକା ଉତ୍ତୋଳନ ସହିତ ବନ୍ଦେ ମାତରମ ଗାନ, ସମବେତ ଧ୍ୟାନ ଓ ସାବିତ୍ରୀ ପଠନ କରାଯାଇଥିଲା। ମାତୃଭକ୍ତ ବିଶିଷ୍ଟ ଶିକ୍ଷାବିତ୍ ଓ ଶିଳ୍ପପତି ଡ. ରତିକାନ୍ତ ବରାଳଙ୍କ ଦ୍ୱାରା ଶ୍ରୀ ଅରବିନ୍ଦଙ୍କ ଧ୍ୟାନ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଯଥାବିଧି ସମ୍ପନ୍ନ ହୋଇଥିଲା। ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲା ସଂଯୋଜକ ଶ୍ରୀକାନ୍ତ ସାହୁ, ଶ୍ରୀଅରବିନ୍ଦ ସାଧନା ଭବନ, ତେଲକୋଇର ସମ୍ପାଦକ ଯଶୋବନ୍ତ ପ୍ରଧାନ ଉପସ୍ଥିତ ମାତୃପ୍ରେମୀଙ୍କୁ ପ୍ରଭୁଙ୍କ କାର୍ଯ୍ୟ ପାଇଁ ସମସ୍ତେ ଆଗଭର ହେବା ଉଚିତ ବୋଲି କହିଥିଲେ। ପାଠଚକ୍ରରେ ତେଲକୋଇ ବ୍ଲକ୍ ସଂଯୋଜକ ଦୁର୍ଯ୍ୟୋଧନ ସାହୁ, ବାଉଁଶପାଳ ବ୍ଲକ୍ ସଂଯୋଜକ ଯଶୋବନ୍ତ ଖୁଣ୍ଟିଆ, ସାଧକ ଗଜେନ୍ଦ୍ର ଦାସ, ମାତୃଭକ୍ତ ଶିବ ଶତପଥୀ ଓ ବିଶିଷ୍ଟ ଶିକ୍ଷାବିତ୍ ଗୌରଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭାପତି ଆଇନଜୀବୀ ନାରାୟଣ ପ୍ରଧାନ ମାତୃ ପତାକା ଅବତରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଅଧ୍ୟକ୍ଷା ବନ୍ଦିତା ମହାନ୍ତି ସହଯୋଗ କରିଥିଲେ।

# 'ଆଧ୍ୟାତ୍ମିକତାରେ ବିଜ୍ଞାନ ଅନ୍ତର୍ନିହିତ'

ଭଦ୍ରକ,୨୦।୯(ସନାତନ ରାଉତ)

ଭଦ୍ରକ କଲ୍ୟାଣୀନଗରସ୍ଥିତ 'ଗୁରୁକୃପା ଭବନରେ 'ଆମ ମାତୃଭାଷା ପରିଷଦ'ର ସଂକ୍ରାନ୍ତିଆସର ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୁତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଆଧ୍ୟାତ୍ମିକତା ଓ ବିଜ୍ଞାନ ଏକ ସାମାଜିକ ପର୍ଯ୍ୟାଲୋଚନା' ଶୀର୍ଷକ ଆଲୋଚନାଚକ୍ରକୁ ମୁଖ୍ୟବକ୍ତା ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ ଉଦଘାଟନ କରି ଆଧ୍ୟାତ୍ମିକତାରେ ବିଜ୍ଞାନ ଅନ୍ତର୍ନିହିତ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥି ଡ. ଗୋଲକ ବିହାରୀ ସାହୁ, ଡ. ହୃଷିକେଶ ପଣ୍ଡା, ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ, ଲଲାଟେନ୍ଦୁ ମହାନ୍ତି, ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ଅଧ୍ୟାପିକା

### ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭାନୁମତୀ ମାଝିଆ, ଅଧ୍ୟାପକ ନିହାର ରଞ୍ଜନ କର, ଗୟାଧର ପଣ୍ଡା, ମଧୁସୂଦନ ମହାପାତ୍ର, ସାହିତ୍ୟ ଏକାଡେମୀ ସଦସ୍ୟ ଭରତ ଚନ୍ଦ୍ର ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡା. ଅନୀଲ କୁମାର ଦାଶ ବିବରଣୀ ଉପସ୍ଥାପନ କରିଥିଲେ। କବୟିତ୍ରୀ ସଂଯୁକ୍ତା ବଳ ଓ ଦମୟନ୍ତୀ ନାଥଙ୍କ ସଂଯୋଜନାରେ ବହୁ କବି କବିତା ପାଠ କରିଥିଲେ। ଆସରରେ ପୁରୁଷୋତ୍ତମ ଧଳଙ୍କ ପୁସ୍ତକ 'ଜାତିର ପିତା ଗାନ୍ଧିଜୀ' ଉନ୍ମୋଚନ କରାଯାଇଥିଲା। କୋଷାଧ୍ୟକ୍ଷା ଅଦିତିପ୍ରଭା ଦାଶ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ମୋ ଦଳ'ର ଜିଲା ସାଙ୍ଗଠନିକ ବୈଠକ

ବାଲେଶ୍ୱର, ୨୦।୯(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ଓଡ଼ିଶା ଭବନରେ 'ମୋ ଦଳ'ର ବାଲେଶ୍ୱର ଜିଲା କମିଟି ଗଠନ ହେବା ପରେ ଜିଲାରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅସିତ୍ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ଜିଲା ପ୍ରଭାରୀ ଡ. କୁଳମଣି ଏବଂ ସହ- ପ୍ରଭାରୀ ବିରାଜ ରାଉତଙ୍କ ଉପସ୍ଥିତିରେ ଜିଲା ଏବଂ ପ୍ରତି ବ୍ଲକ୍‌ରେ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ 'ମୋ ଦଳ' ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ, ଏ ସମ୍ପର୍କରେ ବ୍ଲକସ୍ତରୀୟ ନେତୃତ୍ୱମାନଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ନିଆଯାଇଛି।

ଜିଲା ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲା ଉପସଭାପତି



ବୈଠକରେ 'ମୋ ଦଳ' ଜିଲା କମିଟି କର୍ମକର୍ତ୍ତା।

ବିଧାନ ରାୟ, ଯୁବ ସଭାପତି ଅଜିତ୍ ପ୍ରଧାନ, ଯୁବ ସାଧାରଣ ସମ୍ପାଦକ ଅଜିତ୍ ଖାରବେଳ ମହାଳିକ, ମିଡିଆ ସଂଯୋଜକ ଅନୁକୂଳ ବିଶ୍ୱାଳ, ଭାସ୍କର ଚନ୍ଦ୍ର ଦଳେଇ, ଭରତ ଚନ୍ଦ୍ର ପରିଡ଼ା, କୃଷକ ସାଧାରଣ ସମ୍ପାଦକ ପୁରସ୍ତମ ସାହୁ, ଜିଲା କମିଟି ସଭ୍ୟ ସୁଜିତ୍ କୁମାର ପୋଥାଳ, ଜଳେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ 'ମୋ ଦଳ' କିପରି ଆଗାମୀ ଦିନରେ ସରକାର ଗଢ଼ିବା ସହିତ ଜିଲାରେ ସଙ୍ଗଠନ ସୁଦୃଢ଼ ହେବ ସେ ସମ୍ପର୍କରେ ମତ ପ୍ରକାଶ ପାଇଥିଲା।

# ଖଇରା ବ୍ଲକସ୍ତରୀୟ ସମିତିସଭ୍ୟ ସଂଘ ଗଠିତ

ଖଇରା, ୨୦।୯(ଉତ୍କଳବନ୍ଧୁ ପଣ୍ଡା)

୧୨ ଦଫା ଦାବି ପୂରଣ ପାଇଁ ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକସ୍ତରୀୟ ସମିତିସଭ୍ୟା/ସଭ୍ୟ ସଂଘ ଗଠିତ ହୋଇଯାଇଛି। ଏହି ଅବସରରେ ଜିଲା ଉପଦେଷ୍ଟା ଅଶୋକ କୁମାର ନାୟକଙ୍କ ଆବାହକତ୍ୱରେ ସୋମବାର ଖଇରାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଭ୍ୟ ରମାକାନ୍ତ ମହାନ୍ତି ବୈଠକରେ ପୌରୋହିତ୍ୟ କରିଥିଲେ।

### ଅକ୍ଷୟ ସଭାପତି, ନଳିନୀ ସମ୍ପାଦକ

ଉପସ୍ଥିତ ସଭ୍ୟାସଭ୍ୟମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଅଣଦେଖା କରାଯାଉଥିବାରୁ ଭୋଟରମାନଙ୍କୁ ନିର୍ବାଚନ ବେଳେ ଦେଉଥିବା ପ୍ରତିଶ୍ରୁତି ପୂରଣ କରାଯାଇପାରୁନାହିଁ। ସରକାରୀ ଯୋଜନା ଖସଡ଼ା ପ୍ରସ୍ତୁତି ବେଳେ ସେମାନଙ୍କୁ ଉପେକ୍ଷା କରାଯାଉଛି। ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ଜିଲା ଏବଂ ରାଜ୍ୟସ୍ତରରେ ହେବାକୁ ଥିବା ବୈଠକ ଓ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଅକ୍ଷୟ କୁମାର ଜେନା ସଭାପତି, ନଳିନୀ କୁମାର ସାହୁ ସାଧାରଣ ସମ୍ପାଦକ, ବିମ୍ବାଧର ଦଳେଇ ଉପସଭାପତି, ସଂଯୁକ୍ତା ମହାପାତ୍ର ସହସମ୍ପାଦିକା ଏବଂ ଅଜିତ କୁମାର ଦାସ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି ।

# ୨୫୪ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ ଏବଂ ଶ୍ରମ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଘସିପୁରା ନିର୍ବାଚନ ମଣ୍ଡଳୀ ଅଧୀନ ଘଟଗାଁ ବ୍ଲକସ୍ଥିତ ମା' ତାରିଣୀ କଲ୍ୟାଣ ମଣ୍ଡପରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ଶ୍ରମିକ କଲ୍ୟାଣ ଯୋଜନାରେ ମୋଟ ୨୫୪ ଜଣଙ୍କୁ ୧ କୋଟି ୫୦ ଲକ୍ଷ ୩୮ ହଜାର ୮୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୦୦ ଜଣଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା।

ଅନୁଷ୍ଠିତ ଉତ୍ସବରେ ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥିଭାବେ ଘଟଗାଁ ବ୍ଲକ୍ ଚେୟାରମ୍ୟାନ ଗୀତାଞ୍ଜଳି ନାଏକ ଯୋଗଦେଇ ଅଧିକରୁ ଅଧିକ ନିର୍ମାଣ ଶ୍ରମିକଙ୍କୁ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ କରିବାକୁ ଉପଦେଶ




ଅତିଥିମାନଙ୍କ ଗହଣରେ ସହାୟତା ରାଶି ପାଇଥିବା ନିର୍ମାଣ ଶ୍ରମିକମାନେ।

ଦେଇଥିଲେ। ପରେ ଅତିଥିମାନେ ୪୨ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୪ ଲକ୍ଷ ୯୮ ହଜାର ୮୦୦ ଟଙ୍କା, ୧୩୨ ଜଣଙ୍କୁ ବିବାହ ସହାୟତା ୬୫ ଲକ୍ଷ ୨୫ ହଜାର ଟଙ୍କା, ୩ ଜଣଙ୍କୁ ପ୍ରସୂତି କାଳୀନ ସହାୟତା ୩୦ ହଜାର ଟଙ୍କା, ୪୦ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୭୮ ଲକ୍ଷ ଟଙ୍କା, ୩୭ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୧ ଲକ୍ଷ ୮୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀ ଜିଲା ଶ୍ରମ କାର୍ଯ୍ୟାଳୟର କଲ୍ୟାଣ ଯୋଜନା ଗୁଡ଼ିକର ବିବରଣୀ ଦେଇଥିଲେ। ଚମ୍ପୁଆ ସହକାରୀ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ ପରିଚାଳନା କରଥିବାବେଳେ କଲ୍ୟାଣ ସଂଯୋଜିକା ସୁଶ୍ରୀ ରଶ୍ମିତା ଓଝା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ।

# ଏନ୍‌ଏଚ୍ ମରାମତି ଦାବିରେ କଂଗ୍ରେସର ରାସ୍ତାରୋକୋ

ରାଇରଙ୍ଗପୁର,୨୦।୯(ମନୋରଞ୍ଜନ ତିରିଆ)

ଜାତୀୟ ରାଜପଥ ମରାମତି ଦାବିରେ ବୁଧବାର ଯଶିପୁରଠାରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଯଶିପୁର ବ୍ଲକ୍ ସଭାପତି କଂଗ୍ରେସ ସଭାପତି ଚିତ୍ତରଞ୍ଜନ ବେହେରା, ପୂର୍ବତନ ବିଧାୟକ ପ୍ରାର୍ଥୀ ମହେନ୍ଦ୍ରନାଥ ନାୟକ, ଜିଲା ଉପସଭାପତି ପ୍ରକାଶଚନ୍ଦ୍ର ମହାନ୍ତି, ଯୁବ କଂଗ୍ରେସ ଜିଲା ଉପସଭାପତି ରଜତ କୁମାର ବେହେରା, ନବୀନ କୁମାର ବାରିକ ପ୍ରମୁଖ ଉକ୍ତ ରାସ୍ତାରୋକୋର ନେତୃତ୍ୱ ନେଇଥିଲେ। ସକାଳୁ ଏହି ରାସ୍ତାରୋକ ଆରମ୍ଭ ହୋଇଥିବା ବେଳେ ପୋଲିସ୍ ବାହିନୀ ପହଞ୍ଚି ରାସ୍ତାରୋକକୁ ପୂର୍ବାହ୍ନ୧୦ଟା ବେଳେ ହଟାଇଥିଲା। ସୂଚନାଯୋଗ୍ୟ, କିଛି ଦିନ ତଳେ ସପ୍ତାହକ ମଧ୍ୟରେ ରାଜପଥର ମରାମତି ପାଇଁ ପଦକ୍ଷେପ ନିଆଯିବାରେ ବିଳମ୍ବ ଘଟିଲେ ରାଜପଥ ଅବରୋଧ କରାଯିବ ବୋଲି ଦଳ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

# ଥାନା ଆଗରେ ଭଞ୍ଜସେନାର ଧାରଣା



ଧାରଣା ଦେଇଥିବା ଭଞ୍ଜସେନାର କର୍ମକର୍ତ୍ତାମାନେ।

ବାରିପଦା,୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ଦୁଇ ଗୋଷ୍ଠୀ ଗଣ୍ଡଗୋଳ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଛାଡ଼ିଦେବା ପ୍ରତିବାଦରେ ମଙ୍ଗଳବାର ରାତି ୧୦ଟା ୩୦ରେ ଥାନା ସମ୍ମୁଖରେ ଭଞ୍ଜସେନା ପକ୍ଷରୁ ଧାରଣା ଦିଆଯାଇଥିଲା। ଖବରପାଇ ଏସ୍‌ପି ବି.ଗଙ୍ଗାଧର ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୁଧବାର ଉଭୟ ପକ୍ଷରୁ ୪ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ରବିବାର ରାତିରେ ଅସ୍ତିଆ ଅଞ୍ଚଳର ଦୀପକ ସିଂ ଓ ତାଙ୍କ ସାଥିମାନେ ସହରର କୃଷ୍ଣଚନ୍ଦ୍ର ଗୋଲେଇ ନିକଟ ପାୟଲ ହୋଟେଲକୁ ଖାଦ୍ୟ ପାର୍ସଲ ଆଣିବାକୁ ଯାଇଥିବା ବେଳେ କୌଣସି କାରଣରୁ କାଳିକାପୁର ଅଞ୍ଚଳର

### ଅଭିଯୁକ୍ତଙ୍କୁ ପୋଲିସ ଛାଡ଼ି ଦେଇଥିବା ଅଭିଯୋଗ

ସନ୍ଦୀପ ହୋତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଉପସ୍ଥିତ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ଆକ୍ରମଣକାରୀ ଦୀପକ ଓ ତାଙ୍କର ଜଣେ ସହଯୋଗୀଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କ ସହିତ ୬ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ପରଦିନ ଦୀପକଙ୍କ ପାଲଟା ଅଭିଯୋଗ କ୍ରମେ ପୋଲିସ ସନ୍ଦୀପଙ୍କ ସମେତ ଘଟଣାଦିନ ଉପସ୍ଥିତ ଥିବା ୪/୫ଜଣଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ କରି ଜଣଙ୍କୁ ଅଟକ ରଖିଛି। ତେବେ ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ଦୀପକଙ୍କୁ ପୋଲିସ ଥାନାରୁ ଛାଡ଼ିଦେଇଥିବା ଅଭିଯୋଗ ଆଣି ଭଞ୍ଜସେନା ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏନେଇ ଆଇଆଇସି ଉମାଶଙ୍କର ନାୟକଙ୍କ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

